**କରୋନା ବିରୋଧରେ ଜନଆନ୍ଦୋଳନ ଅଭିଯାନ**

ସମ୍ବଲପୁର(ବ୍ୟୁରୋ): କରୋନା ଭୂତାଣୁ ବିରୋଧରେ ଲଢ଼ିବା ଲାଗି ପୂର୍ବତଟ ରେଳବାଇ ସମ୍ବଲପୁର ମଣ୍ଡଳ ପକ୍ଷରୁ ଜନଆନ୍ଦୋଳନ ଅଭିଯାନ ଆରମ୍ଭ ହୋଇଛି। କର୍ମଚାରୀ, ରେଳ ବ୍ୟବହାରକାରୀ ଓ ଯାତ୍ରୀମାନଙ୍କୁ ମାସ୍କ ପିନ୍ଧିବା, ହାତ ଧୋଇବା, ସାମାଜିକ ଦୂରତା ବଜାୟ ରଖିବା ଲାଗି ସଚେତନ କରାଯାଉଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଗୁରୁବାର ରେଳ ଅଧିକାରୀ ଓ କର୍ମଚାରୀମାନଙ୍କୁ କୋଭିଡ-୧୯ ଦ୍ୱାରା ସଂକ୍ରମିତ ଯେପରି ନ ହେବେ ସେ ନେଇ ଶପଥ ପାଠ କରାଇଥିଲେ। ଏଥିରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସଏସ ପାତ୍ରୁଡୁଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।



## ସଂକ୍ଷେପରେ

### ହୀରାକୁଦ ଡ୍ୟାମ୍‌କୁ ପଶୁଛି ୮୧,୨୯୫ କ୍ୟୁସେକ୍ ଜଳ

ସମ୍ବଲପୁର, ୮।୧୦ (ବ୍ୟୁରୋ): ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଗୁରୁବାର ୬୨୯.୯୩ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧକୁ ୮୧ ହଜାର ୨୯୫ କ୍ୟୁସେକ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱର ୧ଟି ଓ ବାମ ପାର୍ଶ୍ୱର ୨ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୬୮ ହଜାର ୫୯୦ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ମିଳିଥିବା ରିପୋର୍ଟ ଅନୁସାରେ, ବେଲଗାଁରେ ୧୩ ହଜାର ୬୦୦, ପଥର୍ଲାରେ ୫୪ ହଜାର ୪୧୦, ଖଇରମାଳରେ ୧ ଲକ୍ଷ ୯ ହଜାର, ବରମୁଲାରେ ୧ ଲକ୍ଷ ୬୪ ହଜାର, ମୁଣ୍ଡଲିରେ ୧ ଲକ୍ଷ ୭୮ ହଜାର ୩୪୪ କ୍ୟୁସେକ ଜଳ ପ୍ରବାହିତ ହେଉଛି।

### ସହାୟତା ପାଇଁ ଅନୁମତି ଦେଲାନି ପ୍ରଶାସନ

ସମ୍ବଲପୁର, ୮।୧୦ (ବ୍ୟୁରୋ): ସମ୍ବଲପୁର କୋଭିଡ ମେଡିକାଲ ସମ୍ମୁଖରେ ପ୍ରାୟ ଦିନ ସଂକ୍ରମିତଙ୍କ ପରିବାର ରହୁଛନ୍ତି। ଖରା, ବର୍ଷା ସହିତ ରାତିରେ ଖୋଲା ଆକାଶ ତଳେ ସମୟ କାଟୁଛନ୍ତି। ଏପରିକି ଖାଇବା ପିଇବାରେ ମଧ ସମସ୍ୟା ହେଉଛି। ଏହାକୁ ଆଖି ଆଗରେ ରଖି ଆମ ସମ୍ବଲପୁର ଅନୁଷ୍ଠାନ ସହାୟତା ଦେବା ପାଇଁ ଆଗେଇ ଆସିଥିଲା। ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନ ପଣ୍ଡା, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ନରେଶ ଗୁରୁ, ଏ. ପାଣିଗ୍ରାହୀ, ତୃପ୍ତିମୟୀ ପଣ୍ଡା, ଭାରତୀ ପଣ୍ଡା, ହରିମୋହନ ମାଝୀ, ଭୋଳାନାଥ ପଣ୍ଡା, ତର୍ପଣ କୁମାର ପ୍ରଧାନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟି ଏ ସମ୍ପର୍କରେ ଅନୁରୋଧ କରିଥିଲେ। ହେଲେ ଜିଲା ପ୍ରଶାସନ କୋଭିଡ ମେଡିକାଲ ସମ୍ମୁଖରେ କୌଣସି ଅନୁଷ୍ଠାନ ସହାୟତା କରିପାରିବେ ନାହିଁ ବୋଲି ମନା କରିଦେଇଛି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ଯଥାସମ୍ଭବ ଏହି ସମସ୍ୟାର ସମାଧାନ କରାଯିବ ବୋଲି ଅନୁଷ୍ଠାନକୁ ସୂଚନା ଦିଆଯାଇଛି।

### ସୁନା ଦୋକାନ କାନ୍ଥ ଭାଙ୍ଗି ଚୋରି

ବଡଗାଁ, ୮।୧୦ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ପୋଷ୍ଟ ଅଫିସ ପାର୍ଶ୍ୱରେ ଥିବା ମାଁ ମଙ୍ଗଳା ସୁନା ଦୋକାନର କାନ୍ଥ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନରେ ଲାଗିଥିବା ସିସି ଟିଭିରେ ଜଣେ ଧଳା ଶାର୍ଟ, ଜିନ୍ସ ବ୍ୟାଣ୍ଟ ପିନ୍ଧିଥିବା ପତଳା ଡେଙ୍ଗା ଯୁବକ ବୁଧବାର ରାତି ପ୍ରାୟ ୨ଟା ୧୨ରେ ଦୋକାନ ଭିତରକୁ ପଶି ସୁନା ଗହଣା ନେଉଥିବା ଦେଖାଯାଇଛି। ଚୋରି ପରେ ଗହଣାର ଖୋଳ, ଡବାଗୁଡିକୁ ପୋଷ୍ଟ ଅଫିସ ପଛପଟେ ଥିବା କୂଅରେ ପକାଇ ଚୋର ବିଲ ରାସ୍ତା ପଟେ ପଳାଇଥିବା ଆଶଙ୍କା ପ୍ରକାଶ ପାଇଛି। ରାଜଗାଙ୍ଗପୁର ଏସ୍‌ଡିପିଓ ଶଶାଙ୍କ ଶେଖର ବେଉରା, ବଡଗାଁ ଥାନା ଅଧିକାରୀ ଭଗବାନ ପୂଜାରୀ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ସହ ଘଟଣାର ତଦନ୍ତ କରିଛନ୍ତି।

### ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ସଚେତନତା ରାଲି

ନାକଟିଦେଉଳ, ୮।୧୦(ଡି.ଏନ.ଏ.): ସମ୍ବଲପୁର ଜିଲା କିସିଣ୍ଡା ରେଞ୍ଜ ପକ୍ଷରୁ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। କିସିଣ୍ଡା ରେଞ୍ଜ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ବନାଞ୍ଚଳ ଅଧିକାରୀ ରବିନ କିସ୍କୋ ସଭାପତିତ୍ୱ କରିଥିଲେ। ଖନ୍ଦିବାହାଲ ଜଙ୍ଗଲ ସୁରକ୍ଷା କମିଟି ସଭାପତି କାହ୍ନୁଚରଣ ମାଝି, ସାମାଜିକ ଅନୁଷ୍ଠାନ ସିଡିର ଛୋଟେଲାଲ ସାହୁ ଏବଂ ଲଳିତ ମୋହନ ବାରିକ ଅତିଥିଭାବେ ଯୋଗଦେଇଥିଲେ। ପରିବେଶ ସନ୍ତୁଳନ ଲାଗି ଜଙ୍ଗଲ ସୁରକ୍ଷା ଯେପରି ଆବଶ୍ୟକ ବନ୍ୟପ୍ରାଣୀଙ୍କ ସୁରକ୍ଷା ଆମର ସେମିତି କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ବନ୍ୟପ୍ରାଣୀଙ୍କ ଉପଦ୍ରବରେ ଫସଲ ନଷ୍ଟ ହେଲେ ଚାଷୀଙ୍କୁ ସହାୟତା ଦିଆଯାଉଛି। ତେଣୁ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ କାମ କରୁଥିବା ଜଙ୍ଗଲ ସୁରକ୍ଷା କମିଟି ସଦସ୍ୟ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ କିସିଣ୍ଡା ବସ୍‌ଷ୍ଟାଣ୍ଡରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା।

# ବ୍ୟବହାର ଅନୁପଯୋଗୀ ୯୦ ପ୍ରତିଶତ ପାଇଖାନା

ସମ୍ବଲପୁର,୮।୧୦(ବ୍ୟୁରୋ)

- ଘୋଷଣାରେ ସୀମିତ ବାହ୍ୟ ମଳମୁକ୍ତ ଗାଁ
- ଏସ୍‌ଏଚ୍‌ଜିକୁ ଆଳ କରି ଖାଇଗଲେ ଠିକାଦାର
- ପାଇଖାନାରେ କବାଟ, ଛାତ ନାହିଁ
- ଜିଲାରେ ଫେଲ ମାରିଛି ପରିମଳ ମିଶନ

କେହି ବାହାରକୁ ଶୌଚ ଯିବେନାହିଁ। ତେଣୁ ପ୍ରତ୍ୟେକଙ୍କ ଘରେ ପାଇଖାନା ନିର୍ମାଣ ହେବ। ଏହି ଉଦ୍ଦେଶ୍ୟରେ ୨୦୧୪ ଅକ୍ଟୋବର ୨ରେ ସ୍ୱଚ୍ଛ ଭାରତ ମିଶନ ଯୋଜନା କାର୍ଯ୍ୟକାରୀ କରାଗଲା। ତେବେ ସମ୍ବଲପୁର ଜିଲାର ଗ୍ରାମଗୁଡିକୁ ବାହ୍ୟ ମଳମୁକ୍ତ କରାଯିବା ଯୋଜନା ଫେଲ ମାରିଛି। ନିର୍ମାଣ ହୋଇଥିବା ହାରାହାରି ୯୦ ପ୍ରତିଶତରୁ ଅଧିକ ପାଇଖାନା ବ୍ୟବହାର ଅନୁପଯୋଗୀ ହୋଇ ପଡିଥିଲେ ମଧ ବିଭିନ୍ନ ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଉଛି। ତେବେ ସେସବୁ ଗାଁର ବାସ୍ତବ ଚିତ୍ର କିନ୍ତୁ ଭିନ୍ନ କଥା କହୁଛି।

ସମ୍ବଲପୁର ଜିଲାର ବିଭିନ୍ନ ବ୍ଲକରେ ନିର୍ମିତ ପାଇଖାନା ଗୁଡିକରେ କବାଟ ଲଗାଯାଇ ନାହିଁ କି ଉପରେ ଛାତ ନାହିଁ। ଏପରିକି ପାଇଖାନା ପ୍ୟାନ ବସାଇବା ପାଇଁ ଗାତ ମଧ ଖୋଳା ଯାଇନାହିଁ। କେବଳ ହିତାଧିକାରୀ ମାନଙ୍କୁ ବାହାରୁ ଏକ ଫଟୋ କରି ଦେଇ ଟଙ୍କା ଉଠାଯାଇଛି। ଏଥିରେ ମୁଖ୍ୟତଃ ଏସ୍‌ଏଚ୍‌ଜିମାନଙ୍କୁ ଆଳ କରି ଠିକାଦାରମାନେ ଟଙ୍କା ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଛି। ଯେଉଁଠି ବ୍ୟକ୍ତିଗତ ଭାବେ ଜଣେ ହିତାଧିକାରୀ ପାଇଖାନା ନିର୍ମାଣ କଲେ ତାଙ୍କୁ ସ୍ଥାନୀୟ ଜନପ୍ରତିନିଧି, ପଞ୍ଚାୟତସ୍ତର ଅଧିକାରୀମାନେ ସହଯୋଗ କରୁନାହାନ୍ତି। ବ୍ୟବହାର ଅନୁପଯୋଗୀ ହେବାରୁ ପାଇଖାନା ଗୁଡିକ ଭାଙ୍ଗି ଗଲାଣି। ଅନେକ ସ୍ଥାନରେ କାନ୍ଥ ଫାଟି ଆଁ କରିଛି। ପାଇଖାନା ଚତୁଃପାର୍ଶ୍ୱରେ ଅନାବନା ଲଟା ଘେରି


ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ତାଲଝରଣ ଗ୍ରାମରେ ଥିବା ପାଇଖାନା।

ରହିଛି। ଜିଲାର ପ୍ରାୟ ପଞ୍ଚାୟତରେ ଏହି ଯୋଜନା ଫେଲ ମାରିଥିବା ବେଳେ ଯୁଯୁମୁରା ବ୍ଲକ ତାଲଝରଣ ଗ୍ରାମକୁ ଉଦାହରଣ ଭାବେ ନିଆଯାଇପାରେ। ୨୦୧୮ ଡିସେମ୍ବର ୩୧ ତାରିଖରେ ତାଲଝରଣ ଗ୍ରାମକୁ ବାହ୍ୟ ମଳମୁକ୍ତ ଗ୍ରାମ ଘୋଷଣା କରାଯାଇଛି। ସେତେବେଳେ ନିର୍ମାଣ କରାଯାଇଥିବା ପାଇଖାନା ଗୁଡିକ ନିମ୍ନମାନର କାମ ଯୋଗୁ ବର୍ତ୍ତମାନ ସେସବୁ ଭାଙ୍ଗି ନଷ୍ଟ ହୋଇଯାଇଛି। କିଛି ପରିବାର ନିଜ ଖର୍ଚ୍ଚରେ ପାଇଖାନା ମରାମତି କରି ବ୍ୟବହାର କରୁଥିବା ଜଣାପଡିଛି। ଏ ସମ୍ପର୍କରେ ଆରଡବ୍ଲ୍ୟୁଏସଏସ ନିର୍ବାହୀ ଯନ୍ତ୍ରୀ ବି. ରାଉତରାୟ କହିଛନ୍ତି ଯେ, ପୂର୍ବରୁ ଏହି ଯୋଜନା ଆମ ବିଭାଗ ହାତରେ ଥିଲା। ସେ ସମୟରେ ପ୍ରାୟ ପାଇଖାନା ନିର୍ମାଣ ସମ୍ପୂର୍ଣ୍ଣ ହୋଇଯାଇଛି। ବର୍ତ୍ତମାନ ଡିଆରଡିଏ ଏହି ଯୋଜନାକୁ ତଦାରଖ କରୁଛନ୍ତି ବୋଲି ରାଉତରାୟ କହିଥିଲେ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ୨୦୧୩-୧୪ ଆର୍ଥିକ ବର୍ଷରେ ଏହି ଯୋଜନା ଆରମ୍ଭ ହୋଇଥିଲା। ପ୍ରଥମ ବର୍ଷରେ ମାତ୍ର ୨ଟି ପାଇଖାନା ନିର୍ମାଣ ହୋଇଥିଲା। ତେବେ ୨୦୧୪-୧୫ରେ ୫୩୭୧, ୨୦୧୫-୧୬ରେ ୩୭୧୧୧, ୨୦୧୬-୧୭ରେ ୫୧୩୬୧,୨୦୧୭-୧୮ରେ ୨୦୩୦୩, ୨୦୧୮-୧୯ରେ ୩୭୮୨୫ ପାଇଖାନା ନିର୍ମାଣ ଲକ୍ଷ୍ୟ ରଖାଯାଇଥିଲା। ଯାହା ସମ୍ପୂର୍ଣ୍ଣ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁମାନେ ତାଲିକାଭୁକ୍ତ ନ ଥିଲେ (ଏଲଓବି) ୨୧୦୩ ଓ ନୂତନ ଭାବେ ୬୩୦୫ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଏବେ ମାତ୍ର ୨୫୦ ପାଇଖାନା ନିର୍ମାଣାଧୀନ ଥିବା ସୂଚନା ମିଳିଛି।

## ଘରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ରିଆମାଳ, ୮।୧୦(ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ବ୍ରାହ୍ମଣୀପାଲି ଗ୍ରାମର ଜଣେ ବୃଦ୍ଧାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ଘରେ ପଡିଥିବା ବେଳେ ଗୁରୁବାର ସକାଳେ ଉଦ୍ଧାର କରାଯାଇଛି। ମୃତା ହେଲେ ମୋହିନୀ ଦୀପ(୬୫)। ବୃଦ୍ଧାଙ୍କୁ ହତ୍ୟା କରାଯାଇଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ମୋହିନୀଙ୍କ ଜ୍ୱାଇଁ ହାଡ଼ସଂହାର ଗ୍ରାମର କିଶୋର ଅଦାବର ଗୁରୁବାର ସକାଳେ ବ୍ରାହ୍ମଣୀପାଲି ଆସିଥିଲେ। ଶାଶୁଙ୍କ ଘର ଫାଟକ ବନ୍ଦଥିଲା। ସନ୍ଦେହରେ କବାଟ ଖୋଲି ସେ ଘର ଭିତରକୁ ଗଲା ପରେ ଶାଶୁଙ୍କର ମୃତଦେହ ଚଟାଣରେ ପଡିଥିବା ଦେଖି ସାହି ପଡିଶାଙ୍କୁ ଡାକିଥିଲେ। ମୋହିନୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଶରୀର ଅର୍ଦ୍ଧଲଗ୍ନ ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ କୁଣ୍ଢେଇଗୋଳା ଥାନା ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ନିରୁପମା ଜେନା କହିଛନ୍ତି।



ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ, ଅଧିକାରୀବୃନ୍ଦ।

# ବିଜେପୁର ପାଇଁ ସୋଲାର ପ୍ଲାଣ୍ଟ ଲୋକାର୍ପିତ

ବରଗଡ଼ ଅଫିସ୍,୮।୧୦

ବରଗଡ଼ ଜିଲା ବିଜେପୁର ଅଞ୍ଚଳ ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ଜରିଆରେ ଆଦିତ୍ୟ ବିର୍ଲା ରିନ୍ୟୁଏବୁଲ ୟୁନିଟ୍ (ସୋଲାର ପାୱାର ପ୍ଲାଣ୍ଟ) ଲୋକାର୍ପିତ କରିଛନ୍ତି। ଏହି ସୋଲାର ପାୱାର ପ୍ଲାଣ୍ଟ ଜାଲପାଲି ଗ୍ରୀଡ୍ ମାଧ୍ୟମରେ ୩୭ହଜାର ଲୋକଙ୍କୁ ପାୱାର ଯୋଗାଇ ପାରିବ। ୧୧୦ ଏକର ପରିମିତ ଜମିରେ ସ୍ଥାପିତ ଏହି ୟୁନିଟ୍ ମୁଖ୍ୟତଃ ୩ଟି ଗ୍ରାମ ବୁଢ଼ାପାଲି, ଲେମଧର, ଭାଲୁବାହାଲରେ ଅବସ୍ଥିତ। ୨୫ ମେଗାୱାଟ୍ କ୍ଷମତା ସମ୍ପନ୍ନ ଏହି ସୋଲାର ପାୱାର ପ୍ଲାଣ୍ଟର କାର୍ଯ୍ୟ ଗତ ଜାନୁୟାରୀରୁ ଆରମ୍ଭ ହୋଇଥିଲା। ଏହି ଲୋକାର୍ପଣ ଉତ୍ସବରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟିକା ରୀତା ସାହୁ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ବରିଷ୍ଠ ଜେନେରାଲ ମ୍ୟାନେଜର ଅଜୟ ପ୍ରତାପ ସିଂ, ପ୍ରକଳ୍ପ ମୁଖ୍ୟ ଜାନକୀ ରମଣ, କେ.ଏନ ଜନାର୍ଦ୍ଦନ, ଅନ୍ୟ ଅଧିକାରୀ ଯୁଧିଷ୍ଠିର ମଲ୍ଲିକ, ଆୟୁଷ ତନ୍ଦୁର, ସଚ୍ଚିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧୪କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ଦେବଗଡ଼, ୮।୧୦(ଡି.ଏନ୍.ଏ.): କରୋନାରୁ ସୁସ୍ଥହୋଇ ଫେରିବା ପରେ କାର୍ଯ୍ୟରେ ଯୋଗଦେଇଥିବା ୧୪ଜଣ ପୋଲିସ କର୍ମଚାରୀଙ୍କୁ ଦେବଗଡ଼ ଜିଲା ପୋଲିସ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କରୋନା ଯୋଦ୍ଧାମାନେ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏସ୍‌ପି ମନୋଜ କୁମାର ମହାନ୍ତି ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କମାଣ୍ଡାଣ୍ଟ ଏ.କେ.ନାୟକ, ଡିଏସ୍‌ପି(ଡିଆଇବି) ଶିବପ୍ରସାଦ ବିଶ୍ୱାଳ, ଡିଏସ୍‌ପି(ଏଚ୍‌ଆର୍‌ପିସି) ରବୀନ୍ଦ୍ର ରାଉତ ଓ ସର୍ଜେଣ୍ଟ ଗୋବିନ୍ଦ ମାରାଣ୍ଡିଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କିଛିଦିନ ପୂର୍ବେ କୋଭିଡ୍ ପରୀକ୍ଷା ସମୟରେ ଜଣେ ଡେପୁଟି ସୁବେଦାର, ୨ ଜଣ ହାବିଲଦାର/ଲାନ୍ସ ନାୟକ ଓ ୧୧ ଜଣ କନଷ୍ଟେବଲଙ୍କ ରକ୍ତ ନମୁନା ପଜିଟିଭ ଚିହ୍ନଟ ହୋଇଥିଲା।

# ଧାନକିଣାରେ ଅନିୟମିତତା, ଦୁଇ ଡାଟା ଏଣ୍ଟ୍ରି ଅପରେଟର ବହିଷ୍କୃତ

ସୋନପୁର,୮।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଧାନ କ୍ରୟ ସମୟରେ ପି-ପାସ(ପେଡି ପ୍ରକ୍ୟୁରମେଣ୍ଟ ଅଟୋମେଶନ ସିଷ୍ଟମ)ରେ ବ୍ୟାପକ ଅନିୟମିତତା ହେଉଥିଲା। କେତେକ ଚାଷୀଙ୍କ ଜମି ପରିମାଣ ଅଧିକ ଦର୍ଶାଯାଇ ବେଆଇନ ଭାବେ ଅଧିକ ଧାନ ବିକ୍ରି କରା ଯାଉଥିଲା। ବ୍ୟବସାୟୀମାନେ ଲାଭ ପାଉଥିଲେ। ଗତ ଖରିଫରେ ଉଲୁଣ୍ଡା ବ୍ଲକର କଳାପଥର ଓ ଅନ୍ୟ କେତେକ ପ୍ୟାକ୍ସରେ ଏଭଳି ବେଆଇନ କାର୍ଯ୍ୟ ହୋଇଥିବା ତଦନ୍ତରୁ ଜଣାପଡିଥିଲା। ଏ ସମ୍ପର୍କରେ ରାଜ୍ୟ ଯୋଗାଣ ନିଗମକୁ ଜଣାଯାଇଥିଲା। ତେବେ ଭୁବନେଶ୍ୱର କାର୍ଯ୍ୟାଳୟ(ସିଏସ୍‌ଏମ୍ ଟେକ୍ନୋଲୋଜି ପ୍ରା. ଲି.)ର ବୈଷୟିକ ଦଳ ତଦନ୍ତ କରି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ତାପସ ସାମଲ ଓ ଡାଟା ଏଣ୍ଟ୍ରି ଅପରେଟର(ପି-ପାସ) ସାମନ୍ତ ମେହେର ଏହି ଅନିୟମିତତାରେ ସମ୍ପୃକ୍ତ ଥିବା ଜାଣି ପାରିଥିଲେ। ଉଭୟ ଡାଟା ଏଣ୍ଟ୍ରି ଅପରେଟର ଆଉଟ ସୋର୍ସିଂ ସଂସ୍ଥା ଶ୍ରୀ ସୋଲ୍ୟୁସନ ଆଣ୍ଡ ସର୍ଭିସ ଭୁବନେଶ୍ୱର ଦ୍ୱାରା ଏଠାରେ ନିଯୁକ୍ତି ପାଇଥିଲେ। ଏଭଳି ଅନିୟମିତତା ଜଣାପଡିବା ପରେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଆଉଟ ସୋର୍ସିଂ ସଂସ୍ଥା ଉଭୟ ଡାଟା ଏଣ୍ଟ୍ରି ଅପରେଟର ସାମଲ ଏବଂ ମେହେରଙ୍କୁ ଚାକିରିରୁ ବହିଷ୍କୃତ କରିଥିବା ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ସୁପକାର ସୂଚନା ଦେଇଛନ୍ତି।

# ଟେଲିକମ୍ ଠିକା କର୍ମଚାରୀଙ୍କୁ ମିଳିନି ୧୧ ମାସର ଦରମା

କଣ୍ଟାବାଞ୍ଜି, ୮।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଟେଲିକମ୍ ସବ୍‌ଡିଭିଜନରେ କାର୍ଯ୍ୟରତ କୁଶଳୀ ଓ ଅଣକୁଶଳୀ ଠିକା କର୍ମଚାରୀଙ୍କୁ ଗତ ୧୧ମାସ ହେଲା ଦରମା ମିଳିନାହିଁ। ଏହାର ପ୍ରତିବାଦ କରି ଠିକା କର୍ମଚାରୀମାନେ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଏଥିଯୋଗୁ ଗତ ଏକ ସପ୍ତାହ ହେଲା କଣ୍ଟାବାଞ୍ଜିରେ ବିଏସ୍‌ଏନ୍‌ଏଲ୍ ସେବା ଫେଲ୍ ମାରିଛି। ବିଭାଗୀୟ ଟେଲିକମ୍ ଜିଲା ମ୍ୟାନେଜର, କଣ୍ଟାବାଞ୍ଜି ଏସ୍‌ଡିଓ ଏବଂ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ବି କୌଣସି ପ୍ରତିକ୍ରିୟା ମିଳିପାରୁ ନାହିଁ। ଏହାର ପ୍ରତିବାଦ କରି ଗୁରୁବାର ଉପଭୋକ୍ତାମାନେ ଏକ୍ସଚେଞ୍ଜକୁ ଯାଇ ପ୍ରତିବାଦ କରିଥିଲେ। ଉପସ୍ଥିତ ଥିବା ଜେଇ ଯଥାଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କୁ ୧୧ ମାସର ଦରମା ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରି କି ଏସ୍‌ଡିଓ କଣ୍ଟାବାଞ୍ଜି ସବ୍‌ଡିଭିଜନକୁ ବନ୍ଦ କରି ସମସ୍ତଙ୍କୁ ଛଟେଇ କରିଦେବା ଧମକ ଦେଉଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ସେମାନେ ଦୀର୍ଘବର୍ଷ ହେଲା ବିଏସ୍‌ଏନ୍‌ଏଲ୍‌ରେ କାମ କରି ଆସୁଥିଲେ ବି ସେମାନଙ୍କ ଇପିଏଫ ଟଙ୍କା କଟାଯାଇ ଜମା କରାଯାଉନାହିଁ। ଏହାର ପ୍ରତିବାଦ କରି ଗତ ଗୁରୁବାରଠାରୁ ଠିକା କର୍ମଚାରୀ ସନ୍ତୋଷ ବାଗ, ମାଧବ ବଏ, ରେଶ ବାଗ, କାମଦେବ ବଛା, ସୁଚିନ୍ଦ୍ର ପନିକା, ଦାମା ଭଇଁଷାଲ ପ୍ରମୁଖଙ୍କ ସହ ଦୁଇ ସଫେଇ କର୍ମଚାରୀ କାର୍ଯ୍ୟ ବନ୍ଦ କରିଛନ୍ତି। ଉକ୍ତ ଠିକା କର୍ମଚାରୀମାନଙ୍କୁ ୧୧ମାସର ବକେୟା ଦରମା ଯଥାଶୀଘ୍ର ନ ଦେଲେ ପରିବାର ସହ ଅଫିସ ସମ୍ମୁଖରେ ଆମରଣ ଅନଶନ କରିବାକୁ ବାଧ୍ୟ ହେବୁ ଚେତାବନୀ ଦେଇଛନ୍ତି।

## ହାତୀ ଆକ୍ରମଣରେ ୨ ଗୁରୁତର

ଦେବଗଡ଼, ୮।୧୦(ଡି.ଏନ୍.ଏ.): ଦେବଗଡ ଜିଲା ତିଲେଇବଣି ବ୍ଲକ ସୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ସିର୍ନିବାସପୁର ଗ୍ରାମ ନିକଟ ପାହାଡ଼ ତଳି ଜମିରେ କାମ କରୁଥିବା ୨ଜଣ ବ୍ୟକ୍ତି ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ସେମାନେ ସୁଗୁଡ଼ା ଗ୍ରାମର କୈଳାସ ଚନ୍ଦ୍ର ସାହୁ(୩୨) ଓ ମଥୁରା ସାହୁ(୬୫)। ସେମାନଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଗୁରୁବାର ଉଭୟେ ଖେତରେ କାମ କରୁଥିବା ସମୟରେ ଏକ ଦନ୍ତାହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ।


ଜମାକାରୀ ଟଙ୍କା ଫେରସ୍ତ ଦାବିରେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ଜମାଟଙ୍କା ଫେରସ୍ତ ଦାବିରେ ସ୍ମାରକପତ୍ର

ବରଗଡ଼ ଅଫିସ୍,୮।୧୦

ବରଗଡ଼ ବ୍ଲକ ତୋରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଜିଲାର ଆର୍ଥିକ ସଂସ୍ଥା ଗୁଡ଼ିକର କ୍ଷତିଗ୍ରସ୍ତ ମିଳିତ ମଞ୍ଚ ପକ୍ଷରୁ ସତ୍ୟାଗ୍ରହ ହୋଇଥିଲା। ଅନୁଷ୍ଠିତ ସଭାରେ ବିଭିନ୍ନ ଆର୍ଥିକ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ତୋରା ପଞ୍ଚାୟତର ଜମାକାରୀମାନେ ଏକତ୍ରିତ ହୋଇ ସ୍ଥାନୀୟ ସରପଞ୍ଚଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପଠାଇଥିଲେ। ଜମାକାରୀଙ୍କ ଟଙ୍କାକୁ ଫେରସ୍ତ କରିବାକୁ ଏଥିରେ ଉଲ୍ଲେଖ କରାଯାଇଛି। ଯେତେଦିନ ପର୍ଯ୍ୟନ୍ତ ଜମାଟଙ୍କା ଫେରା ନ ଯିବ, ସେତେଦିନ ପର୍ଯ୍ୟନ୍ତ ସତ୍ୟାଗ୍ରହ ଚାଲିଥିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ମଞ୍ଚର ବରଗଡ଼ ଆବାହକ ରମେଶ ମହାପାତ୍ର, ସଭାପତି ଗୌରୀଶଙ୍କର ସାହୁଙ୍କ ନେତୃତ୍ୱରେ ଚୈତନ୍ୟ ବାରିକ, ଧନମାଳି ଖମାରୀ, ମାନଭଞ୍ଜନ ପ୍ରଧାନ, ଶତ୍ରୁଘ୍ନ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଓମ୍‌ଙ୍କ ଚିକିତ୍ସା ପାଇଁ ସହଯୋଗର ହାତ

**ଧରିତ୍ରୀ ପ୍ରଭାବ**

ତରଭା,୮।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଖଇରଭାଡି ଗ୍ରାମର ୫ ବର୍ଷର ବାଳକ ଓମ୍ ନାଗଙ୍କ ବେକରେ ମାଂସ ପିଣ୍ଡୁଳା ବଢୁଛି। ଆର୍ଥିକ ଅନଟନ ଯୋଗୁ ଚିକିତ୍ସା କରିବା ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ଗତ ୨ତାରିଖ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବଦାନ୍ୟ ବ୍ୟକ୍ତି ସହଯୋଗର ହାତ ବଢାଇଛନ୍ତି। ବଲାଙ୍ଗୀରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଇଂ ହ୍ୟୁମାନ ଫାଉଣ୍ଡେଶନର କର୍ମକର୍ତ୍ତାମାନେ ଗୁରୁବାର ଖଇରଭାଡି ଗ୍ରାମକୁ ଯାଇ ରୋଗାକ୍ରାନ୍ତ ବାଳକଙ୍କ ଚିକିତ୍ସା ପାଇଁ ନଗଦ ୧୦ହଜାର ୩ ଶହ ଟଙ୍କା ପରିବାରବର୍ଗଙ୍କୁ ଦେଇଥିଲେ। ଫାଉଣ୍ଡେଶନର ମୁଖ୍ୟ ସୋମନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକ କୋଅର୍ଡିନେଟର ରାହୁଲ ବାରିକ, ଜିତେନ୍ଦ୍ର ବାରିକ, ସୁରେଶ ଘିବେଲା, ପ୍ରଦ୍ୟୁମ୍ନ ଚୌହାନ, ଅଜାମିଳ ଚୌହାନ,ଶିବୁ ନାଗ ଓମ୍‌ଙ୍କ ଘରକୁ ଯାଇ ଏହି ସହାୟତା ଦେଇ କଟକ ଶିଶୁଭବନକୁ ପଠାଇବା ବ୍ୟବସ୍ଥା କରିଛନ୍ତି। ସୂଚନାଯୋଗ୍ୟ ଯେ, ଓମ୍ ହେଉଛନ୍ତି ଖଇରଭାଡି ଗ୍ରାମର ନିର୍ମଳ ନାଗଙ୍କ ପୁଅ। ଏହି ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ପୁଅର ଉପଯୁକ୍ତ ଚିକିତ୍ସା କରିବାରେ ଅର୍ଥ ବାଧକ ସାଜିଛି।

# ଶିକୁଳିରେ ବନ୍ଧା କୈଶୋର ଜୀବନ

ନୂଆପଡା ଅଫିସ,୮।୧୦

- ବାପାଙ୍କ ଦେହାନ୍ତ ପରେ ପାଠପଢାରେ ଡୋରି
- ମା' ପର ଘରେ ଖଟିଲେ ଚୁଲି ଜଳୁଛି
- ଲୋକେଶଙ୍କ ଚିକିତ୍ସାରେ ଅର୍ଥ ବାଧକ
- ଆବାସ ପାଇଁ ଏନଏସି ଯାଇ ନିରାଶ


ମା'ଙ୍କ ସହ ଲୋକେଶ ରାଉତ।

ପିଲାବେଳୁ ସାଙ୍ଗସାଥୀଙ୍କ ଗହଣରେ ମଉଜମସ୍ତି କରୁଥିଲେ। ହେଲେ ବାପା ଆରପାରିକୁ ଚାଲିଯିବା ପରେ ତାଙ୍କ ପାଠପଢାରେ ଡୋରି ବନ୍ଧା ହେଲା। ଏହାପରେ ପରିବାରର ବୋଝ ତାଙ୍କ ଉପରେ ପଡିଲା। ବର୍ତ୍ତମାନ ଶିକୁଳିରେ ବନ୍ଧା ହୋଇ ରହୁଛନ୍ତି ଜଣେ ଯୁବକ। ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ଘରେ ଭଙ୍ଗାରୁଜା କରିବା ଭୟରେ ମା' ତାଙ୍କୁ ଖାଇବା ପିଇବାକୁ ଦେଇ ଶିକୁଳିରେ ବାନ୍ଧି ପର ଘରେ ଗୋତି ଖଟିବାକୁ ଯାଇଥାନ୍ତି। ଏଭଳି ଏକ ଅଭାବନୀୟ ଘଟଣା ନୂଆପଡା ସହରସ୍ଥିତ ୮ନମ୍ବର ୱାର୍ଡରେ ଦେଖିବାକୁ ମିଳିଛି।

ଶତ୍ରୁଘ୍ନ ରାଉତ ଏବଂ ରାମାୟଣୀ ରାଉତଙ୍କ ଗୋଟିଏ ବୋଲି ପୁଅ ଲୋକେଶ। ବର୍ତ୍ତମାନ ବୟସ ୨୦ ହେବ। ତାଙ୍କୁ ଯେତେବେଳେ ମାତ୍ର ୨ବର୍ଷ ବୟସ ହୋଇଥିଲା ଶତ୍ରୁଘ୍ନ ଆରପାରିକୁ ଚାଲିଗଲେ। ବାପ ଅଜା ଅମଳର ଏକ ଭଙ୍ଗା ଛପର ଘର। ତାଙ୍କର ଜମିବାଡି ବୋଲି କିଛି ନାହିଁ। ପର ଘରେ ମା' ଗୋତି ଖଟିଲେ ପରିବାର ଚଳେ। ଶତ୍ରୁଘ୍ନଙ୍କ ଦେହାନ୍ତ ପରଠାରୁ ରାମାୟଣୀ ଲୋକେଶଙ୍କୁ ପାଠ ପଢାଇ ବଡ କରିବାର ସ୍ୱପ୍ନ ଦେଖିଥିଲେ। ନୂଆପଡା ନ୍ୟାସନାଲ ହାଇସ୍କୁଲରେ ଲୋକେଶ ଦଶମ ପାସ କରି ସ୍ଥାନୀୟ ଭୋକେଶନାଲ କଲେଜରେ ନାମ ଲେଖାଇବାକୁ ଆବେଦନ କରିଥିଲେ। ହେଲେ ଟଙ୍କା ଅଭାବରୁ ନାଁ ଲେଖାଇପାରିଲେ ନାହିଁ। ପରେ ଏକ ଫ୍ୟାନ୍ସି ଷ୍ଟୋରରେ କାମ କରି ଦୁଇ ପଇସା ରୋଜଗାର କଲେ। ପରିବାର ବୋଝ ତାଙ୍କ ଉପରେ ଥିବାରୁ ଲୋକେଶଙ୍କ ପାଠପଢାରେ ଡୋରି ବନ୍ଧାଗଲା। ସରକାରୀ ଆବାସଟିଏ ପାଇବାକୁ ବାରମ୍ବାର ମା'ପୁଅ ଏନଏସିକୁ ଦୌଡିଲେ। ତାହା ଆଜିଯାଏ ନ ମିଳିବାରୁ ନିରାଶ ହୋଇପଡିଥିବା ରାମାୟଣୀ କହିଛନ୍ତି। ଆଜିକୁ ତିନି/ଚାରି ମାସ ତଳେ ଲୋକେଶଙ୍କ ମୁଣ୍ଡ ବ୍ୟଥା ଆରମ୍ଭ ହେଲା। ରାତିଦିନ ନିଦ ହେଲାନାହିଁ। ପ୍ରବଳ ମୁଣ୍ଡବିନ୍ଧା ହେବାରୁ ସେ ବିକୃତ ମସ୍ତିଷ୍କଙ୍କ ଭଳି ବୁଲିଲେ। ଏପରିକି ଘରର ଛାତ, ଆସବାବପତ୍ର ଭଙ୍ଗାରୁଜା କରିବା ଆରମ୍ଭ କରିଦେଲେ। ତାଙ୍କର ଏଭଳି କାର୍ଯ୍ୟ ରାମାୟଣୀଙ୍କୁ ସମ୍ଭାଳିବା କଷ୍ଟକର ହେଲା। ପର ଘରେ କାମ କଲେ ଚୁଲି ଜଳିବ। ଶେଷରେ ଅନନ୍ୟୋପାୟ ହୋଇ ରାମାୟଣୀ ସକାଳେ ଲୋକେଶଙ୍କୁ ଖାଇବା ପିଇବାକୁ ଦେଇ ଶିକୁଳିରେ ଦୁଇ ହାତ ଏବଂ ଗୋଡକୁ ବାନ୍ଧି ଦେଇ ଅନ୍ୟ ଘରକୁ କାମ କରିବାକୁ ଯାଉଛନ୍ତି। ପୁଅର ଚିକିତ୍ସା ପାଇଁ ବାର ଦୁଆର ହେଉଛନ୍ତି। ହେଲେ ଅର୍ଥାଭାବ ଯୋଗୁ ଲୋକେଶଙ୍କ ଚିକିତ୍ସା ହୋଇପାରୁନାହିଁ। ଏଥିପାଇଁ ସରକାରୀ ସହାୟତା ସହ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବାକୁ ରାମାୟଣୀ ନିବେଦନ କରିଛନ୍ତି।

